## ସଂକ୍ଷେପରେ

### ଆର୍‌ଆଇଙ୍କୁ ୪ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୧୦।୫:** ଅନୁଗୋଳ ଭିଜିଲାନ୍ସ କୋର୍ଟ ଜଜ୍ ଦିଗାମ୍ବର ପୃଷ୍ଟି ଏକ ଲାଞ୍ଚ ନେବା ମାମଲାର ଶୁଣାଣି କରି ଆର୍‌ଆଇ ଶୁଭଶ୍ରୀ ପ୍ରିୟଦର୍ଶନୀଙ୍କୁ ୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୮ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏଭଳି ଦଣ୍ଡ ପ୍ରଦାନ କରାଯାଇଥିବା କୋର୍ଟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ଏହି ମାମଲାକୁ ସରକାରୀ ଓକିଲ ଉଦୟ ଶଙ୍କର ମିଶ୍ର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୫ ମସିହାରେ ରେଢ଼ାଖୋଲ କଦଳୀଗଡ଼ ଅଞ୍ଚଳର ପିଙ୍କୁ ରଞ୍ଜନ ବେହେରାଙ୍କ ଏକ ଜାଗା ମ୍ୟୁଟେଶନ୍ ପାଇଁ କିଆକଟାରେ ଆରଆଇ ଭାବେ କାର୍ଯ୍ୟ କରୁଥିବା ଶୁଭଶ୍ରୀ ୪ ହଜାର ୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପିଙ୍କୁ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଶୁଭଶ୍ରୀଙ୍କୁ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। କଟକ ଭିଜିଲାନ୍ସ ଡିଭିଜନ୍ ମାମଲା ନଂ ୫୧/୧୬ରେ ମାମଲା ରୁଜୁ ସହ ତାଙ୍କୁ ଗିରଫ କରାଯାଇଥିଲା।

### ମେଡିକାଲ ପରିସରରେ ଅଟକିଗଲା ଆମ୍ବୁଲାନ୍ସ

**ଅନୁଗୋଳ ଅଫିସ, ୧୦।୫:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ରୋଗୀ ନେଇ ଆସିଥିବା ୧୦୮ ଆମ୍ବୁଲାନ୍ସ ଅଚଳ ହୋଇଯାଇଥିଲା। ଫଳରେ ମେଡିକାଲ



କର୍ମଚାରୀମାନେ ଗାଡ଼ିଟିକୁ ଠେଲି ଠେଲି ଚଲାଇବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ପରେ ଗାଡ଼ିଟିକୁ ମେଡିସିନ୍ ଷ୍ଟୋର ନିକଟରେ ରଖାଯାଇଥିଲା। ଅପରାହ୍ନ ୨ଟା ପରେ ଗାଡ଼ିଟି ମରାମତି ପରେ ଗଡ଼ିଥିବା ଜଣାପଡ଼ିଛି।

### ବ୍ୟବସାୟୀଙ୍କ ପରଲୋକରେ ଶୋକ

**ତାଲଚେର,୧୦।୫(ନି.ପ୍ର.):** ତାଲଚେରର ଜଣାଶୁଣା ଘଣ୍ଟା କାରିଗର କୈଳାଶ ମହାରଣାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଗତ ୪ଦିନ ଧରି ସେ ଅସୁସ୍ଥତା ଯୋଗୁ କଟକ ଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଅପରାହ୍ନରେ ହଠାତ୍ ତାଙ୍କର ପରଲୋକ ଘଟିଛି। ଏହି ଖବର ଜଣାପଡ଼ିବା ପରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ନଗରପାଳ ପବିତ୍ର ଭୂତିଆ ସ୍ୱର୍ଗତ ମହାରଣାଙ୍କ ମହାରଣାସାହି ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ୱାର୍ଡ କାଉନସିଲର ଉର୍ମିଳା ବେହେରା, ସନ୍ତୋଷ ବେହେରା, ଭାଜପା ନେତା ଯଯାତି ପଟ୍ଟନାୟକ, ଜୟନ୍ତ ଭୂତିଆ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାରଣା ଘଣ୍ଟା କାରିଗର ସହ କାରିଗରପଡା ଗଣେଶ ପୂଜା କମିଟିର ପ୍ରତିଷ୍ଠାତା ସଭ୍ୟ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା, ୧୦।୫(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ରାତିରେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ୯୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଚୋରା ନିଶା କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ କଦଳୀମୁଣ୍ଡା ଗ୍ରାମର ସଞ୍ଜୟ ବେହେରା ଏବଂ କରୁଣା ପ୍ରଧାନଙ୍କୁ ଗିରଫ କରିଛି। ସଞ୍ଜୟ ଏକ ଗାଡ଼ି (ନଂ. ଓଡି ୧୯ ଏମ୍ ୩୦୨୨)ରେ ୩୦ ଲିଟର ଏବଂ କରୁଣା ବାଇକ୍ (ନଂ. ଓଆର୍ ୧୭ ବି ୧୭୪୮)ରେ ୬୦ ଲିଟର ମଦ ଚାଲାଣ କରୁଥିବା ସୂଚନାପାଇ ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡ଼ନାୟକ ଚଢ଼ାଉ କରିଥିଲେ।

# ମିମ୍‌ସାର କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ

**ତାଲଚେର/ ଅନୁଗୋଳ ଅଫିସ,୧୦।୫**

ଅନୁଗୋଳ ଜିଲା ତାଲଚେରଠାରେ ନିର୍ମାଣ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍‌ସାର) ଶୀଘ୍ର କାର୍ଯ୍ୟକ୍ଷମ ଦିଗରେ ଆଶା ଉଜ୍ଜୀବିତ ହୋଇଛି। ମଙ୍ଗଳବାର ତାଲଚେର ବନ୍ଦ ପାଳନ କରୁଥିବା ତାଲଚେର ସୁରକ୍ଷା ମଞ୍ଚ ସହ ଅନୁଷ୍ଠିତ ଏକ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ମିମ୍‌ସାର ପରିଚାଳନା ନେଇ ରାଜ୍ୟ ସରକାର ପ୍ରସ୍ତୁତ ଥିବା କୁହାଯାଇଛି। ଏପରି କି କେବଳ ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍ ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା କରାଯାଇଛି ବୋଲି ପ୍ରଶାସନ କହିବା ପରେ ମିମ୍‌ସାର ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ପ୍ରଶାସନର ଏହି ସୂଚନା ପରେ ତାଲଚେର ବନ୍ଦ ପାଳନ ଅଧାରୁ ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ମିମ୍‌ସାର ତୁରନ୍ତ କାର୍ଯ୍ୟକ୍ଷମ, ତାଲଚେର ଷ୍ଟେଶନ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଏବଂ ତାଲଚେର-ପୁରୀ ପାସେଞ୍ଜରକୁ ଏନ୍‌ଟିପିସି କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ନେଇ ତାଲଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ତାଲଚେର ବନ୍ଦ ପାଳନ କରାଯାଇଥିଲା। ତାଲଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଆନ୍ଦୋଳନକୁ





ବୈଠକରେ ଜିଲାପାଳ ଓ ତାଲଚେର ବିଧାୟକ ଉପସ୍ଥିତ ଅଛନ୍ତି।

- ସରକାର ପ୍ରସ୍ତୁତ ଥିବା କହିଲା ଅନୁଗୋଳ ଜିଲା ପ୍ରଶାସନ
- ବାର୍ଷିକ ଖର୍ଚ୍ଚ ବହନ ନେଇ ଏମ୍‌ସିଏଲ୍‌ର ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା
- ଅଧାରୁ ପ୍ରତ୍ୟାହୃତ ହେଲା ତାଲଚେର ବନ୍ଦ ପାଳନ

ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଫଳରେ ଆନ୍ଦୋଳନର ପ୍ରଭାବ ତାଲଚେର କୋଇଲା ଖଣି ଅଞ୍ଚଳ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଦେଖିବାକୁ ମିଳିଥିଲା। କୋଇଲା ଖଣିର ଉତ୍ପାଦନ ବ୍ୟାହତ ହେବା ସହ ପରିବହନ ବାଧାପ୍ରାପ୍ତ ହୋଇଥିଲା। ପରେ ଏ ନେଇ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା।

ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ତାଲଚେର ବିଧାୟକ ପ୍ରଧାନ, ଏମ୍‌ସିଏଲ୍ ଓ ରେଲ୍‌ୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ କହିଥିଲେ ଯେ, ମିମ୍‌ସାର କାର୍ଯ୍ୟକ୍ଷମ ନେଇ ରାଜ୍ୟ ସରକାର ଓ ଏମ୍‌ସିଏଲ୍ ମଧ୍ୟରେ ପୂର୍ବରୁ ଆଲୋଚନା ସରିଛି। ଏମ୍‌ସିଏଲ୍ ବାର୍ଷିକ ପରିଚାଳନା ବାବଦ ଖର୍ଚ୍ଚ ବହନ ନେଇ ଲିଖିତ ଭାବେ ଜଣାଇବା ପରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏ ନେଇ ସରକାର ପ୍ରସ୍ତୁତ ଥିବା ଜିଲାପାଳ ପ୍ରକାଶ କରିଥିଲେ। ସେହିପରି ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ କହିଛନ୍ତି, ମେଡିକାଲ କଲେଜ ରାଜ୍ୟ ସରକାର ପରିଚାଳନା କରିବେ ବୋଲି ଏମ୍‌ସିଏଲ୍ ଓ ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଯାଇଛୁ।

## ଶୀଘ୍ର ଦାୟିତ୍ୱ ନେବାକୁ ଭାଜପାର ଦାବି

**ତାଲଚେର,୧୦।୫(ନି.ପ୍ର)**

ତାଲଚେରରେ ଏମ୍‌ସିଏଲ୍ ଦ୍ୱାରା ନିର୍ମାଣ କରାଯାଇଥିବା ତାଲଚେର ମେଡିକାଲ କଲେଜ (ମିମ୍‌ସାର)ର ବାର୍ଷିକ ପରିଚାଳନା ଖର୍ଚ୍ଚ ବହନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଗତ ଏପ୍ରିଲ ୨୧ ତାରିଖରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇସାରିଛି। ଏଥିସହ ପରିଚାଳନା ଦାୟିତ୍ୱ ଶୀଘ୍ର ସରକାର ନିଅନ୍ତୁ ବୋଲି ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଅନୁଗୋଳ ଜିଲା ସମେତ ପଡ଼ୋଶୀ ଜିଲା ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ନୟାଗଡ଼ର ପାଖାପାଖି ୭୦ ଲକ୍ଷ ଲୋକ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏଥିସହ ରାଜ୍ୟର ଛାତ୍ରୀଛାତ୍ରମାନେ ମେଡିକାଲ



ପାଠ ପଢ଼ିବାର ଅଧିକ ସୁଯୋଗ ପାଇବେ ବୋଲି ମଙ୍ଗଳବାର ତାଲଚେରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ସାମଲ ପ୍ରକାଶ କରିଛନ୍ତି। ସାମଲ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ମାର୍ଚ୍ଚ ୯ରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଷୀଙ୍କୁ ଭେଟି ତାଲଚେର ମେଡିକାଲ କଲେଜ ଓ ହସ୍ପିଟାଲର ପରିଚାଳନା କାର୍ଯ୍ୟ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଆଲୋଚନା କରିବା ସହ ଏ ସଂକ୍ରାନ୍ତୀୟ ଚିଠି ପ୍ରଦାନ କରିଥିଲେ। ପରେ କୋଇଲା ମନ୍ତ୍ରୀ ଯୋଷୀ ଏମ୍‌ସିଏଲ୍‌କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏପ୍ରିଲ ୨୧ରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ହସ୍ପିଟାଲର ପରିଚାଳନା ଦାୟିତ୍ୱ ନେବାକୁ ଅନୁରୋଧ କରିଥିଲେ। ଏହାସହ ଏମ୍‌ସିଏଲ୍ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବ୍ୟବସ୍ଥା କରିବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ କରିଥିଲେ। ତେଣୁ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତାଲଚେର ବିଧାୟକ ଏ ଦିଗରେ ସହଯୋଗ କରିବା ନେଇ ସାମଲ ଆଶାବ୍ୟକ୍ତ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପାର ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ, ବୃନ୍ଦାବନ ବେହେରା, ଜିଲା ଲିଗାଲ ସେଲ ଅଧ୍ୟକ୍ଷ ପେସ୍କାର ଗଡ଼ନାୟକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମନୋଜ ପ୍ରଧାନ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦନ ଯାତ୍ରା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଖମାର,୧୦।୫(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାରଠାରେ ଖମାର ଗ୍ରାମ୍ୟ କମିଟି ଓ ଯୁବକ ସଂଘ ତତ୍ତ୍ୱାବଧାନରେ ୧୦ମ ଚନ୍ଦନଯାତ୍ରାର ଉଦ୍‌ଘାଟନୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଖମାର ଯୁବକ ସଂଘର ୪୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସୋମବାର ମଦନ ମୋହନଙ୍କ ଚଳନ୍ତି ପ୍ରତିମାକୁ ଗ୍ରାମ ପରିକ୍ରମା କରାଯାଇଥିଲା। ୧୦ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ତାଲଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ତହସିଲଦାର ଲମ୍ବୋଦର ମାରାଣ୍ଡି, ମୁଖ୍ୟବକ୍ତା ଭାବେ ଖମାର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା, ବାରକୋଟିଆ ଗ୍ରାମର ସାମାଜିକ କର୍ମୀ ଅବନୀକାନ୍ତ ସାହୁ, ତାଲଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରେଲର ଧକ୍କାରେ ବ୍ୟବସାୟୀ ମୃତ

**ବଇଣ୍ଡା, ୧୦।୫(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ନଂ. ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ନିକଟରେ ମଙ୍ଗଳବାର ଏକ ଗାଡ଼ି ଧକ୍କାରେ ଜଣେ ଲୁହା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରପଡ଼ା ଥାନା ଜେରେଙ୍ଗ ଦେହୁରୀସାହିର ବାଙ୍କନିଧି ମହାରଣା। ପୋଲିସ ସୂଚନାଅନୁଯାୟୀ ବାଙ୍କନିଧି ଏକ ମୋପେଡ୍ (ନଂ. ଓଡି୧୯ ଏସ୍ ୧୮୩୯)ରେ ନାକିଚି ଅଞ୍ଚଳରୁ ଘରକୁ ଫେରୁଥିବାବେଳେ ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଙ୍କନିଧିଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଚାଳକ ଟ୍ରେଲର ନେଇ ଫେରାର ହୋଇଯାଇଥିଲେ। ସୂଚନା ପାଇ ହଣ୍ଡପା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜନଜୀବନ ସୁରକ୍ଷା କମିଟି ବୈଠକ

**ଅନୁଗୋଳ ଅଫିସ,୧୦।୫**

ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟିର ଏକ ବୈଠକ ମଙ୍ଗଳବାର ଶିକ୍ଷକପଡାସ୍ଥିତ ନବକୃଷ୍ଣଚୌଧୁରୀ ସ୍ମୃତିପାଠାଗାରଠାରେ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ଦାମୋଦର ଦାସ, ତୀର୍ଥବାସୀ ଭୋଇ, ଅଶୋକ ପ୍ରଧାନ, ମାନସ ପାଳ, ଦମୋଦର ଦାସ, ରମେଶ ସାହୁ, ବଳରାମ ବେହେରା, ନିରୂପମା ପ୍ରଧାନ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ୫୫ନମ୍ବର ଜାତୀୟ ରାଜପଥର ପଞ୍ଚମହଲାଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା,



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଜିଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିନାମୂଲ୍ୟରେ ବିଦ୍ୟୁତ୍ ଯୋଗାଇଦେବା, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡା ଫାର୍ମର ଜାଗା ମୁଖ୍ୟ ଚିକିତ୍ସାଳୟ ହସ୍ତାନ୍ତର କରିବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ତାଲଚେର ମେଡିକାଲ କଲେଜକୁ ସରକାରୀ ପରିଚାଳନାରେ କାର୍ଯ୍ୟକ୍ଷମ ଆଦି ଦାବିରେ ଆସନ୍ତା ୧୭ରେ ଜିଲାସ୍ତରୀୟ ଜନସମାବେଶ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

## କଣିହାଁରେ ବନ୍ଦର ଆଂଶିକ ପ୍ରଭାବ

**କଣିହାଁ,୧୦।୫(ଡି.ଏନ.ଏ.)**

ତାଲଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ତାଲଚେର ସୁରକ୍ଷା ମଞ୍ଚ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ବନ୍ଦ ଡାକରାର ଆଂଶିକ ପ୍ରଭାବ କଣିହାଁ ଅଞ୍ଚଳରେ ପଡ଼ିଛି। ସକାଳୁ ଦୋକାନ ବଜାର ସ୍ୱାଭାବିକ ଥିଲା। କେବଳ ଶିଳ୍ପ ସଂସ୍ଥାନକୁ କୋଇଲା ପରିବହନ ସହିତ ସରକାରୀ କାର୍ଯ୍ୟାଳୟରେ ସେବା ବାଧାପ୍ରାପ୍ତ ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହୃତ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ।



ଆନ୍ଦୋଳନରେ ସାମିଲ ସହଯୋଗୀ ନେତୃବୃନ୍ଦ।

### ରେଳ ଧାରଣାରୁ ମୃତଦେହ ଜବତ

**ବଇଣ୍ଡା, ୧୦।୫(ଡି.ଏନ.ଏ.)**

ତାଲଚେର-ସମ୍ବଲପୁର ରେଳପଥର ହଣ୍ଡପା ଷ୍ଟେଶନ ନିକଟରୁ ମଙ୍ଗଳବାର ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ହଣ୍ଡପା ବଜାରର ଓମ୍ ସୌରଭ ସାହୁ (୧୮)। ଓମ୍ ସୌରଭ ସୋମବାର ରେଳଷ୍ଟେଶନ ନିକଟରେ କରିଥିବା ଫାର୍ମକୁ ଆସି ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ରାତିରେ ତାଙ୍କ ମୃତଦେହ ରେଳ ଧାରଣାରେ ପଡ଼ିଥିବା ଦେଖି ଅଞ୍ଚଳବାସୀ ପୋଲିସକୁ ସୂଚନା ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇଦେଇଛି। ଓମ୍ ସୌରଭ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ବିଜେଡି ନେତାଙ୍କ ବିୟୋଗରେ ଶୋକସଭା





ଶୋକସଭାରେ ଉପସ୍ଥିତ ସିପିପି ଠିକାଦାର ସଂଘ ସଦସ୍ୟମାନେ।

**ବଅଁରପାଳ, ୧୦।୫(ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ଠିକାଦାର ଶିବରାମ ସାହୁଙ୍କ ପରଲୋକରେ ନାଲ୍‌କୋ ସିପିପି ଠିକାଦାର ସଂଘ ପକ୍ଷରୁ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ସତ୍ୟବାନ ବରାହଙ୍କ ସଭାପତିତ୍ୱରେ ଶିବରାମଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିବରାମ ଜଣେ ଉତ୍ତମ ଜନପ୍ରତିନିଧି ଏବଂ ଠିକାଦାର ଥିଲେ ବୋଲି ମତପ୍ରକାଶ ପାଇଥିଲା। ଆର.କେ. ଲେଙ୍କା, ଭରତ ମାଝି, ପ୍ରମୋଦ ଦାସ, ଭୁଲୁ ସିଂ, ପୀତାମ୍ବର ସାହୁ, ନିର୍ମଳ ସାହୁ, ଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗ୍ୟତା ଥାଇ ମିଳୁନି ଆବାସ

**ମାଧପୁର, ୧୦।୫**

ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ନୀଳକଣ୍ଠପଡ଼ା ଗ୍ରାମର ୧୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରାଯାଇଥିଲା। ତେବେ



ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

### ବିଡିଓଙ୍କ ନିକଟରେ ଅଭିଯୋଗ

ତଥ୍ୟ ସଂଗ୍ରହ କରିବାକୁ ଆସିଥିବା ଅନ୍ୟ ବ୍ଲକର ଅଧିକାରୀଙ୍କ ଦାୟିତ୍ୱହୀନତାରୁ ସେମାନଙ୍କ ନାମ ଚଳିତବର୍ଷ ବାଦ୍ ପଡ଼ିଛି। ଏ ନେଇ ସେମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ପୁନର୍ବାର ବିଡିଓଙ୍କୁ ଅବଗତ କରାଇଥିବା କହିଛନ୍ତି। ଦରଖାସ୍ତକାରୀମାନେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ହକ୍‌ଦାର ହୋଇଥିବାରୁ ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି। ବିଡିଓ ସନ୍ତୋଷ ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

## ଖଣିଜ ଚୋରାଚାଲାଣ ରୋକିବାକୁ ଗୁରୁତ୍ୱ

**ବଇଣ୍ଡା, ୧୦।୫(ଡି.ଏନ୍.ଏ.)**

ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଲଘୁ ଖଣିଜ ପଦାର୍ଥ ଉପରେ ମାଫିଆମାନେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ପ୍ରଶାସନ ଆଖିରେ ଧୂଳିଦେଇ ପଥର, ବାଲି, ମୋରମ ଚାଲାଣ କରୁଛନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେଉଥିବାବେଳେ ମାଫିଆମାନେ ଲାଭ ଉଠାଉଛନ୍ତି। ଏଭଳି ଚୋରାଚାଲାଣ ରୋକିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରା।

ଉପଖଣ୍ଡ ଅଞ୍ଚଳରୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ଏବଂ



ବୈଠକରେ ଉପସ୍ଥିତ ରାଜସ୍ୱ ଅଧିକାରୀମାନେ।

ଅଧିକ ରାଜସ୍ୱ ସଂଗ୍ରହ କରିବା ନେଇ ଉପଜିଲାପାଳଙ୍କ ସଭାଗୃହ ପରିସରରେ ମଙ୍ଗଳବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ସଭାପତିତ୍ୱ କରିଥିଲେ। ବୈଠକରେ କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ସହକାରୀ ଜିଲାପାଳ କୁଳମଣି ଦଳେଇଙ୍କ ସମେତ ୧୮ ରାଜସ୍ୱ ଅଧିକାରୀ ଯୋଗ ଦେଇଥିଲେ। ବିବାଦୀୟ ରାଜସ୍ୱ ମାମଲାର ଫଇସଲା, ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ, ଖଜଣା ଆଦାୟ ବ୍ୟବସ୍ଥିତ କରିବା, ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ପ୍ରମାଣପତ୍ର ପ୍ରଦାନ କରିବା ଆଦି ବିଷୟ ଆଲୋଚନା ହୋଇଥିଲା। ଏଥିସହ ରାଜସ୍ୱ ବିଭାଗର ବିଭିନ୍ନ ସମସ୍ୟାର ସମାଧାନ ନେଇ ମତାମତ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### କାଜୁ ବଗିଚାରୁ କ୍ଷତାକ୍ତ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୦।୫:** ଢେଙ୍କାନାଳ ପୌରାଞ୍ଚଳର ୮ନଂ. ୱାର୍ଡ ମହିଷାପାଟ ବାଞ୍ଛାକୁସୁମ ନିକଟ ଏକ କାଜୁ ବଗିଚାରୁ ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଦିବା ପଧାନ (୫୫)। ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଛି। ତାଙ୍କୁ ହତ୍ୟା ପରେ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଚର୍ଚ୍ଚା ହେଉଛି। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସଂସ୍କାର ପବ୍ଲିକ ସ୍କୁଲରେ କୋଭିଡ୍ ଟିକାକରଣ

**ଢେଙ୍କାନାଳ ଅଫିସ, ୧୦।୫:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ରହଣିସ୍ଥିତ ସଂସ୍କାର ପବ୍ଲିକ ସ୍କୁଲ ପରିସରରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଅନୁଷ୍ଠିତ ହୋଇଯାଇଛି। ବୀରାଶାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମ୍ବିକା ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀ ତାପସ ସାହୁ, ସୁନିତା ମହାଳିକ ଉପସ୍ଥିତ ରହି ୧୨ରୁ ୧୪ବର୍ଷ ବୟସର ଛାତ୍ରୀଛାତ୍ରଙ୍କୁ ଟିକାକରଣ କରିଥିଲେ। ସ୍କୁଲ ଅଧକ୍ଷ ମନୋଜ କୁମାର ଥମ୍ବ ଧନ୍ୟବାଦ ଅର୍ପଣ କରିଥିଲେ।

### ଇନ୍‌ଫୋଟେନ୍‌ମେଣ୍ଟ ସେଣ୍ଟର ଲୋକାର୍ପିତ



**ସାତମାଇଲ୍, ୧୦।୫(ଡି.ଏନ୍.ଏ.):** ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ନବନିର୍ମିତ ଇନ୍‌ଫୋଟେନ୍‌ମେଣ୍ଟ ସେଣ୍ଟର ମଙ୍ଗଳବାର ଲୋକାର୍ପିତ ହୋଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ମାଧମରେ ଜଗନ୍ନାଥ ମନ୍ଦିର ବିକାଶ, ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା ଏବଂ ପ୍ରଚାର ପ୍ରସାର ସହଜ ହୋଇପାରିବ। ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୮ ଲକ୍ଷ ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ସରପଞ୍ଚ ସୁଭଦ୍ରା ସାହୁ ,ଗୁଣଦେଇ ସରପଞ୍ଚ ସୁବ୍ରତ କୁମାର ନାୟକ, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା, ହିନ୍ଦୋଳ ରୋଡ୍ ବଜାର କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କାର୍ ଧକ୍କାରେ ମହିଳା ଗୁରୁତର

**କାମାକ୍ଷାନଗର, ୧୦।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍‌କୁ ଦ୍ରୁତଗତିରେ ଆସୁଥିବା କାର୍ ଧକ୍କା ଦେବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କଙ୍କଡାହାଡ଼ ଗ୍ରାମର ପ୍ରଭାତୀ ବେହେରା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସମ୍ପର୍କୀୟଙ୍କ ବାଇକ୍‌ରେ ପ୍ରଭାତୀ କାମାକ୍ଷାନଗର ବଜାରରୁ କାମ ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ଘଟଣାର ଛାନ୍‌ଭିନ୍ କରୁଛି।

# ଜନପ୍ରତିନିଧି ନେବେ କମ୍ପ୍ୟୁଟର ଶିକ୍ଷା

- ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଗୁରୁତ୍ୱ
- ସଂକ୍ରମଣ ବଢ଼ୁଥିବାରୁ ସତର୍କ ରହିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୦।୫**



ବୈଠକରେ ଏମ୍‌ପି, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ଭିଡିଓ କନ୍‌ଫରେନ୍ସ ହଲରେ ମଙ୍ଗଳବାର ଜିଲାର ଉନ୍ନୟନମୂଳକ କାର୍ଯ୍ୟ ଏବଂ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚିତ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲାର ସମସ୍ତ ୮ ବ୍ଲକ କାର୍ଯ୍ୟାଳୟ, ୩ ଏନ୍‌ଏସି ଏବଂ ଗୋଟିଏ ପୌରପାଳିକାରେ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଫଳରେ ସେମାନେ ଅନ୍‌ଲାଇନ୍‌ରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବିଷୟରେ ଧାରଣା ପାଇପାରିବେ।

ବୈଠକରେ ଏମ୍‌ପି ମହେଶ ସାହୁ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି, ଅନୁକୂଳ ବାତାବରଣ, ଗୁଣାତ୍ମକ ଶିକ୍ଷାଦାନ ଉପରେ ସର୍ବାଧିକ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ ବଢୁଛି। ଏଥିପ୍ରତି ସମସ୍ତେ ସତର୍କ ରହିବାକୁ ଜିଲାପାଳ ସରୋଜ କୁମାର ସେଠୀ ନିବେଦନ କରିଛନ୍ତି। ବିଭିନ୍ନ ସାମାଜିକ ସଶକ୍ତୀକରଣ ଯୋଜନାରେ ହିତାଧିକାରୀ ପାଉଥିବା ଭତ୍ତା ରାଶି ସିଧାସଳଖ ବ୍ୟାଙ୍କ ଖାତାକୁ ପଠାଇବା, ବିଧବାଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା, ଜନଶୁଣାଣି ଶିବିରରେ ଅଞ୍ଚଳବାସୀଙ୍କ ଆପତ୍ତି ଅଭିଯୋଗରେ ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବା, ବେଆଇନ ଖଣିଖାଦାନରୁ ଖଣିଜ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିବା, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମୁକାବିଲା ଲାଗି ପ୍ରସ୍ତୁତ କହିବାକୁ ଜିଲାପାଳ ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନାର ସମ୍ଭାବ୍ୟ ୪ର୍ଥ ଲହର ପୂର୍ବରୁ ବୁଷ୍ଟର ଡୋଜ୍ ନେବା, କୋଭିଡ୍ ଗାଇଡ୍ ଲାଇନ ଅନୁପାଳନ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ପରାମର୍ଶ ଦେଇଛନ୍ତି। ରୋଗୀ ଏବଂ ଅଂଶୁଘାତ ଆକ୍ରାନ୍ତଙ୍କ ସର୍ବୋତ୍ତମ ସେବା ଯୋଗାଇ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟେଟ୍‌ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

**କାମାକ୍ଷାନଗର, ୧୦।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର–ରେକୁଳା ରାସ୍ତାରେ ମଙ୍ଗଳବାର ମୁଣ୍ଡିଦେଉଳି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଡିଜିଏମ୍ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଗ୍ରାହକ ସେବା କେନ୍ଦ୍ରରେ ନୂତନ ଆକାଉଣ୍ଟ ଖୋଲାଯାଇପାରିବ। ଏଥିସହ ନିର୍ଦ୍ଧାରିତ ପରିମାଣର ଟଙ୍କା ଜମା, ଉଠାଣ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସୁବିଧାରେ କରାଯାଇପାରିବ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଅନ୍ୟତମ ଅତିଥି ଭାବେ ମୁଣ୍ଡିଦେଉଳି ଷ୍ଟେଟ୍‌ବ୍ୟାଙ୍କ ମ୍ୟାନେଜର ଅଜୟ ସାହୁ, ମୁଖ୍ୟ ଶାଖା ମ୍ୟାନେଜର ସଞ୍ଜୟ ସେଠୀ, ସ୍ୱତ୍ୱାଧିକାରୀ ରବିନାରାୟଣ ସାହୁ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଡମ୍ବରୁଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାହକ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

## କାର୍ଯ୍ୟକ୍ଷମ ହେଉନି ଅଟୋଆନାଲାଇଜର

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଟୋଆନାଲାଇଜର ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛି 'ଉତ୍ଥନା'। ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ଭିତ୍ତିଭୂମି, ମେଡିକାଲ କଲେଜ ପ୍ରତିଷ୍ଠା ସାଙ୍ଗକୁ ଶୀଘ୍ର ଅଟୋ ଆନାଲାଇଜର କାର୍ଯ୍ୟକ୍ଷମ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି।

ଜିଲାର ସ୍ୱାସ୍ଥ୍ୟସେବା ସମସ୍ୟା ନେଇ 'ଉତ୍ଥନା' ଅନୁଷ୍ଠାନ କାର୍ଯ୍ୟାଳୟର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସର୍ବୋଚ୍ଚ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରକ୍ତର ବିଭିନ୍ନ ପରୀକ୍ଷା କରିବା ପାଇଁ ଅଟୋଆନାଲାଇଜର ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିଲାଗି ଆବଶ୍ୟକ ଲିକ୍ୟୁଡ୍ ନିମନ୍ତେ ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ଟେଣ୍ଡର କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଅଦ୍ୟାବଧି ଏହାର ଟେଣ୍ଡର ପ୍ରକ୍ରିୟା ସରିନାହିଁ। ଫଳରେ ରୋଗୀମାନେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜରେ ରୂପାନ୍ତରିତ କରିବା ଲାଗି ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ଶତପଥୀ, ଶିକ୍ଷାବିତ୍ ଦିଲୀପ ନନ୍ଦ, ବିଶ୍ୱନାଥ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ବାହାଦୁର ପାଟସାହାଣୀ, ସାନ୍ଧ୍ୟ ମହାବିଦ୍ୟାଳୟ ଅଧକ୍ଷ ସମୀର ସାହୁ, ସରୋଜ ଶତପଥୀ, ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବିଦ୍ୟୁତ୍ ବିଭାଗରୁ ଚୋରି ଉଦ୍ୟମ
## ଅଭିଯୁକ୍ତଙ୍କୁ ମାଡ଼ିବସିଲେ କର୍ମଚାରୀ

**ଭୁବନ, ୧୦।୫(ଡି.ଏନ୍.ଏ.)**

ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ ବେଳେ କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି ଜଣେ ଯୁବକ। ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଭୁବନ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରୁ ବାରମ୍ବାର ଚୋରି ହେଉଥିଲା। ଏଥିରେ ଏନ୍‌ଏସିର ୧ନଂ. ୱାର୍ଡର ଶେଖର ବେହେରାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିଲା। ତାଙ୍କ ଉପରେ କର୍ମଚାରୀ ନଜର ରଖିଥିଲେ। ସୋମବାର ରାତିରେ ଶେଖର ଏବଂ ତାଙ୍କର କେତେଜଣ ସହଯୋଗୀ ବିଦ୍ୟୁତ୍ କାର୍ଯ୍ୟାଳୟରୁ ସରଞ୍ଜାମ ଚୋରି କରୁଥିବା ବେଳେ କର୍ମଚାରୀମାନେ ମାଡ଼ିବସିଥିଲେ। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ବିଭାଗୀୟ ସହକାରୀ ଯନ୍ତ୍ରୀ ହୃଷୀକେଶ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୮୦/୨୨, ଦଫା ୩୭୯ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ସପ୍ତଶଯ୍ୟାରେ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା


ପାନୀୟଜଳ, ଶୌଚାଳୟ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟାସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ମଙ୍ଗଳବାର ପାନୀୟଜଳ ପ୍ରକଳ୍ପ ଓ ଶୌଚାଳୟ ବ୍ୟବସ୍ଥା ଲୋକାର୍ପିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସରୋଜ କୁମାର ସେଠୀ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧକ୍ଷା ରାଜଶ୍ରୀ ନାୟକ, ସରପଞ୍ଚ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ କହିଲେ, ସପ୍ତଶଯ୍ୟାକୁ ଆକର୍ଷଣୀୟ କରିବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ପର୍ଯ୍ୟଟନସ୍ଥଳୀ ପାଦଦେଶରେ ତୋରଣ ନିର୍ମାଣ, ଆବଶ୍ୟକ ସୌନ୍ଦର୍ଯ୍ୟକରଣ ଏବଂ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ବାନ୍ଧି ରଖିଲା 'ଶ୍ରଦ୍ଧାଞ୍ଜଳି'


କବିତା ଆସରରେ ସଂସ୍ଥାନର ନିର୍ଦ୍ଦେଶକଙ୍କ ସମେତ ସାହିତ୍ୟପ୍ରେମୀମାନେ।

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳ ଜନସଞ୍ଚାର ସଂସ୍ଥାନ ଏବଂ ଲେଖକ ସଂସଦ ଆନୁକୂଲ୍ୟରେ ଆଇଆଇଏମ୍‌ସି ପରିସରରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୧ତମ ଜୟନ୍ତୀ ଏବଂ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ମଙ୍ଗଳବାର ଏକ କବିତା ଆସର 'ଶ୍ରଦ୍ଧାଞ୍ଜଳି' ଆୟୋଜିତ ହୋଇଯାଇଛି। ସଂସ୍ଥାନର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଲେଖକ ସଂସଦର ସଦସ୍ୟମାନେ ଯୋଗଦେଇ ପ୍ରେମ, ପ୍ରକୃତି, ଜୀବନ ଏବଂ ଜୀବିକା ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ବର୍ଷାଭିଜା ସନ୍ଧ୍ୟାରେ ସେମାନଙ୍କ କବିତା ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସାଉଁଟିଥିଲା କରତାଳି। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କାର୍ଯ୍ୟକ୍ରମରେ ଯୋଗଦେଇ ରବୀନ୍ଦ୍ରନାଥ ଏବଂ ବାଞ୍ଛାନିଧି ନିଜ କବିତା ମାଧ୍ୟମରେ କିଭଳି ଜାତୀୟତାଭାବ ସୃଷ୍ଟି କରିପାରିଥିଲେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଲେଖକ ସଂସଦର ଦୀପ୍ତିମୟୀ ଲେଙ୍କା, ସଂସ୍ଥାନର ଛାତ୍ରୀ ଶୁଭଶ୍ରୀ ପ୍ରଧାନ ଓ ଛାତ୍ର ଲଳିତ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଅନୁଗୋଳ ଅଫିସ, ୧୦।୫**

ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଗସ୍ତି କୁମାର ସାହୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମକଦ୍ଦମାର ବିଚାର କରି ଅଭିଯୁକ୍ତ ଖମାର ଥାନା ଅଞ୍ଚଳର ଗୁରୁ ବଦ୍ରା(୨୩)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ପୋକ୍ସୋ ସ୍ପେଶାଲ ପିପି ସରୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୧୮ ଜୁନ୍ ୧୫ରେ ସମ୍ପୃକ୍ତା ନାବାଳିକା ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଗୁରୁ ବଦ୍ରା ପଛ ପାର୍ଶ୍ୱରୁ ଆସି ମୁହଁକୁ ଚାପି ଧରି ଜଙ୍ଗଲ ଭିତରକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୩/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କର ୧୬ ତାରିଖରେ ଗୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମୋଟ ୨୦ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ବୀରାଶାଳ ଡାକ୍ତରଖାନାକୁ ମିଳିଲା ଆମ୍ବୁଲାନ୍ସ

**ଢେଙ୍କାନାଳ ଅଫିସ, ୧୦।୫**

ଜରୁରୀ ସମୟରେ ଢେଙ୍କାନାଳ ଜିଲାର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଆଇସିଆଇସିଆଇ ଫାଉଣ୍ଡେଶନ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଲୋକାର୍ପିତ କରିଛନ୍ତି। ଏହାକୁ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର ବୀରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଆପାତ୍‌କାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଆଇସିଆଇସିଆଇ ବ୍ୟାଙ୍କର ରିଟେଲ ରିଜିଓନାଲ ହେଡ୍ ପ୍ରିୟଦର୍ଶୀ ପ୍ରଧାନ, ରାଜ୍ୟ ମୁଖ୍ୟ ଅରୂପ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ମନୋଜ ଦାସ, ଜିଲା ପରିଚାଳକ ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# 'ନିବେଶକଙ୍କୁ ଆବଶ୍ୟକ ସହଯୋଗ ଯୋଗାଅ'

### ଅନୁଗୋଳ ଆଡଭାଣ୍ଟେଜ ଉଦ୍‌ଯାପିତ

**ଅନୁଗୋଳ ଅଫିସ,୧୦।୫**

ଅନୁଗୋଳ ଜିଲାର ଶିଳ୍ପ ଓ ଖଣି କ୍ଷେତ୍ର ପ୍ରତି ନିବେଶକମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବଅଁରପାଳ ବ୍ଲକ ଆଲୁମିନିୟମ ପାର୍କଠାରେ ଆୟୋଜିତ ୨ ଦିନିଆ ଅନୁଗୋଳ ଆଡଭାଣ୍ଟେଜ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ପ୍ରତି ଜିଲାରେ ଗୋଟିଏ ଲେଖାଏ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଏଜେନ୍ସି ପ୍ରତିଷ୍ଠା କରାଯିବ। ଅନୁଗୋଳରେ ଅଧିକ ଶିଳ୍ପ ହେଲେ ନିଯୁକ୍ତି ସୁଯୋଗ ବଢ଼ିବ ଏବଂ ଜିଲାର ଆର୍ଥିକ ମାନଦଣ୍ଡ ମଧ ବୃଦ୍ଧି ପାଇବ। ନିବେଶକମାନେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହ ପ୍ରକାଶ କରୁଥିବାରୁ ସେମାନଙ୍କୁ ରାସ୍ତା, ପାଣି, ବିଦ୍ୟୁତ୍, ଜାଗା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଅତିଥି ତ୍ରିପାଠୀ ପରାମର୍ଶ ଦେଇଥିଲେ।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ଅନୁଗୋଳରେ ଖଣି ଓ ଶିଳ୍ପ ପାଇଁ ପ୍ରଚୁର ଭିତ୍ତିଭୂମି ଉପଲବ୍ଧ ଅଛି। ଏହାର ଉପଯୋଗ କରି ଜିଲାର ଉନ୍ନତି ତଥା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ନିବେଶକ ଓ ଶିଳ୍ପଦ୍ୟୋଗୀଙ୍କୁ ଆମନ୍ତ୍ରିତ କରାଯାଇଛି। ୟୁଏନ୍‌ଇପିର ମୁଖ୍ୟ ଅତୁଲ ବଗାଲ ପୋଷଣୀୟ ଉନ୍ନତି ଓ ଶିଳ୍ପର ସ୍ଥାୟୀ ବିକାଶ ଉପରେ ଆଲୋକପାତ କରିଥିଲେ। ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ରାଜ୍ୟରେ ୧୯ ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଅଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଷ୍ଟାଟଅଫ୍‌ର ନିର୍ବାହୀ ଅଧକ୍ଷ ଡ. ଓଁକାର ରାୟ ଷ୍ଟାଟଅଫ୍ ଇକୋ ସିଷ୍ଟମର ସମର୍ଥନ ଓ ଏହାର ସାଧାରଣ ସମୀକ୍ଷାକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଡେଭଲପମେଣ୍ଟ ଅଲଟରନେଟିଭ ଗ୍ରୁପର ଅବିନାଶ କୁମାର ଗୁପ୍ତା, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲାପାଳ ବଇତୁରା ଦିପ୍ ପ୍ରମୁଖ ଯୋଗ ଦେଇଥିଲେ।


ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

